# ସାମ୍ବାଦିକ ନୃସିଂହ ଗୁରୁ

ଶ୍ରୀ କିଶୋର ଚନ୍ଦ୍ର ମିଶ୍ର

ସ୍ୱର୍ଗତ ପୂଜ୍ୟ ନୃସିଂହ ଗୁରୁ ଏକ ସରଳ,ନିରାଡମ୍ବର ଗାନ୍ଧୀ ଆଦର୍ଶବାଦୀ ସାଧାରଣ ମଣିଷ । ସାଧାରଣ ମଣିଷ ଭିତରେ ଅସାଧାରଣ ପ୍ରତିଭା ଭରପୂର । ସେ ଜଣେ ସ୍ୱୟଂ ସ୍ୱାଧୀନତା ସଂଗ୍ରାମୀ । କିନ୍ତୁ ଯେଉଁ ଆଦର୍ଶ, ନିଷ୍ଠାରେ ଜୀବନଯାପନ କରୁଥିଲେ, ତାହା ତାଙ୍କୁ ଏପରି ପ୍ରଭାବିତ କରୁଥିଲା ଯେ ସେ ଆଜୀବନ ସଂଗ୍ରାମ କରି ଚାଲିଥିଲେ । କେବେହେଲେ ନୀତିଭ୍ରଷ୍ଟ ହୋଇ ନାହାଁନ୍ତି । ଦୈବାତ ହେଲେ, ପ୍ରାୟଶ୍ଚିତ କରନ୍ତି । ଆତ୍ମସମୀକ୍ଷା ପ୍ରତି କଥାରେ, କାମରେ । ତାହାହିଁ ତାଙ୍କର ଜୀବନାଦର୍ଶ । ତାଙ୍କଠାରୁ ପଦେ ଶୁଣିଲେ ମନରେ ଉତ୍ସାହ ଓ ପ୍ରେରଣା ଆସେ । ଅଳସୁଆ ମଣିଷ କର୍ମଠ ହୋଇ ଉଠିବ, ତାଙ୍କର ଅତି ପରିଣତ ବୟସରେ ଦିନରାତି କାମ କରିବା ଦେଖିଲେ ।

ଗାନ୍ଧୀ ନୀତିକି ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ଛୋଟିଆ ଖଦଡ ପିନ୍ଧିବା,ଦେହରେ ମାତ୍ର ଖଣ୍ଡିଏ ଚଦର ଘୋଡି ହେବା ଛଡା ଅନ୍ୟ ପ୍ରକାର ଆଜି କାଲିର ସାଧାରଣ ବେଶଭୂଷା ମଧ ନ ଥିଲା । ରାତି ଚାରିଟାରୁ ଉଠି ସ୍ନାନ, ପୁଣ୍ୟ ଇତ୍ୟାଦି ନିତ୍ୟକର୍ମ ସାରି, ପୂଜା ପାଠକରି ବାହାରି ପଡନ୍ତି କାମରେ । ଯେ କେହି ପ୍ରତିଦିନ ତାଙ୍କ ଦର୍ଶନ ପାଇବେ ସମ୍ବଲପୁର ବସ ଷ୍ଟାଣ୍ଡରେ "ସମାଜ" ପାକେଟକୁ ବସ୍‌ରୁ ଗ୍ରହଣ କରି ହକରମାନଙ୍କ ମଧରେ ବଣ୍ଟନ କରିବା ବେଳେ । ରାତି ବାର ଯାଏଁ ବସି ହିସାବ ଲେଖୁଥିବେ । କି ଅଦମ୍ୟ ଚେଷ୍ଟା, ଅବିରତ ପରିଶ୍ରମ ।

ସ୍ୱଳ୍ପଭାଷୀ ଛୋଟିଆ ମଣିଷଟିଏ । ରାସ୍ତାର କଡେ କଡେ ଏକ ଲୟରେ ଚାଲିଥିବେ । ସଭା ସମିତିରେ ଠିକ୍ ଠିକ୍ କହି ଯାହା କହିବେ,ତହିଁରେ ସତ୍ୟତା ଛଡା ଅନ୍ୟ କିଛି ନ ଥାଏ । ବହୁତ ପୁରୁଣା ଉପାଦେୟ କଥା କହି ଶ୍ରୋତା ମାନଙ୍କୁ ମୁଗ୍ଧ କରନ୍ତି ।

ହୋଟେଲରୁ ଜଳଖିଆ ଆଣିଲେ ଖାଇବେ । ମାତ୍ର ମିଠା ଖାଇବେ ନାହିଁ । ଭୋଜିରେ, ଖିରୀରେ ମିଠା ପଡିଥାଏ ବୋଲି ଖିରୀ ଖାଆନ୍ତି ନାହିଁ । ନିରାମିଶାଷୀ । ଥରେ ରିଲିଫ୍ ବାଣ୍ଟିବା କାମରେ ଗଲା ବେଳେ କେଉଁ ମଫସଲ ଅଞ୍ଚଳରେ ଅଜାଣତରେ ମାଂସ ତରକାରୀ(ଖୁବ ଗୁଣ୍ଡ ଗୁଣ୍ଡ ହୋଇ ଥିବାରୁ) ଖାଇ ଦେଲା ପରେ ଜାଣିଲେ, ଘରକୁ ଫେରି ଆସିଲେ । ତାଙ୍କୁ ଜଣେ ଅତି ଥଟ୍ଟା କରୁଥାଏ । କିନ୍ତୁ ସେ କଥାକୁ ସେ ଅକ୍ଳେଶରେ ଉଡାଇ ଦେଇ ତାପର ଦିନ ୨୪ ଘଣ୍ଟା ପାପର ପ୍ରାୟଶ୍ଚିତ ପାଇଁ ଅନଶନ କଲେ । ସେଦିନ ଦୈବାତ ମୁଁ ତାଙ୍କ ଘରେ ଅତିଥି । ନିଜ ଆଖିରେ ଦେଖିଛି ।

ତାଙ୍କ ଅସାଧାରଣ ମନୋବଳ । ତାରି ବଳରେ ସବୁ କରିଯାଆନ୍ତି । କାହାକୁ ଅପେକ୍ଷା କରନ୍ତି ନାହିଁ । ନିଜେ ଯାହା ଠିକ ମନେ କରନ୍ତି, କରିଯାଆନ୍ତି । ଜଣେ ଅତି ବେଶି ପରିମାଣରେ ସାମାଜିକ ବ୍ୟକ୍ତି- ଦୂରସଂପର୍କୀୟ ବନ୍ଧୁ ଓ ପରିଚିତ ମାନଙ୍କ ସାମାଜିକ କାମରେ ମଧ ଯୋଗ ଦେବାକୁ ଚାଲିଯାଆନ୍ତି । ଖୁବ୍ କମ ସମୟ ରିକ୍ସାରେ ନଚେତ୍ ସବୁବେଳେ ଚାଲି ଚାଲି ଯାଆନ୍ତି । ସବୁବେଳେ ପଇସା ପକେଟରେ ଥାଏ କିନ୍ତୁ ବୁଝି ବିଚାରି ଖର୍ଚ୍ଚ କରନ୍ତି । କୌଣସି ପ୍ରକାର ଉଦ୍‌ବାର୍ଯ୍ୟ ଢ଼ଙ୍ଗ ତାଙ୍କ ଠାରେ ଦେଖିବାକୁ ମିଳେ ନାହିଁ ।

ଅତ୍ୟନ୍ତ ପରୋପକାରୀ । ପରର ହିତାକାଙ୍‌କ୍ଷୀ । ଆଜୀବନ ସାମ୍ବାଦିକତା କ୍ଷେତ୍ରରେ ଚରମ ଉତ୍କର୍ଷ ଲାଭ କରି ସମାଜର ବିକ୍ରେତା ଥାଇ ଏ ଜନ ସମାଜର ସେବା କରି ଯାଇଛନ୍ତି । ସେ ସାମ୍ବାଦିକତା ଜଗତରେ ଅନ୍ୟତମ ପ୍ରାତଃ ସ୍ମରଣୀୟ ବ୍ୟକ୍ତି-ଏଥିରେ ତିଳେ ହେଲେ ଅତ୍ୟୁକ୍ତି ନାହିଁ କହିଲେ ଚଳେ ।

ଜଣେ ଆତ୍ମୀୟଙ୍କର କୌଣସି ସାମାଜିକ କାମରେ ଯୋଗଦେବା ପାଇଁ ସୁଦୂର ସାରଙ୍ଗଗଡକୁ ଯାଇଥିଲେ । ତାଙ୍କର ଶେଷ ମୁହୂର୍ତ୍ତ ଆସି ପହଞ୍ଚିଗଲା-ଏ କଥା ବା କିଏ କାହିଁକି ଅନୁମାନ କରିବ ? ନିଜ କନ୍ୟାରନ୍ମ ଭିତରେବୋଧହୁଏ ନିଜ ମାଁଙ୍କୁ ଦେଖି ପାରି ଝିଅକୁ କହିଲେ ଦି ଗୋଡ ଲମ୍ବାଇ ବସିବା ପାଇଁ । ନିଜେ ମା କୋଳରେ ପୁଅ ବସିଲା ପରି ଝିଅ କୋଳରେ ମୁଣ୍ଡ ଦେଇ ଅଣ୍ଟାରେ ଧରିଥିବା କିଛି ଟଙ୍କା ପଇସା ଝିଅ ହାତରେ ଦେଇ ଟଳି ପଡିଲେ । କି ସରଳ ମରଣ । କେତେ ନିଷ୍କପଟ ମଣିଷ ଟିଏ ।

ତାଙ୍କୁ କେବେ କଅଣ ଭୁଲି ହୋଇ ପାରେ ? ସେ ଯେବେ ସ୍ମୃତି ପଥରେ ଦେଖା ଦିଅନ୍ତି,ଅଶେଷ ଦୁଃଖ ହୁଏ ମନରେ ,ଯେ ସେ ଆମ ଭିତରେ ଆଉ ନାହାଁନ୍ତି । କିନ୍ତୁ ପରମୁହୂର୍ତ୍ତରେ ସାଂସାରିକ ମାୟା ବନ୍ଧନର ଅଳୀକତା କଥା ମନକୁ ଆଣିଲେ ତାଙ୍କରି ମାନ, ମହତ୍ତ୍ୱ, କର୍ମନିଷ୍ଠା ଓ ଆଦର୍ଶ ଜୀବନ ହିଁ ଆଖି ଆଗରେ ନାଚି ଯାଏ ।

ତାଙ୍କର ପବିତ୍ର ସ୍ମୃତିପୂତ ଆତ୍ମା ପ୍ରତି ମୋର ପ୍ରଗାଢ ଶ୍ରଦ୍ଧାଞ୍ଜଳି ଜଣାଉଛି ।

ସମ୍ପାଦକ "ନିଆଖୁଣ୍ଟା"
ହରିପୁର ରୋଡ
କଟକ